# NATIONAL NEWS BULLETIN (ODIA)

**15 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶ ଆଜି ପାଳନ କରୁଛି ୮୦ତମ ସ୍ୱାଧୀନତା ଦିବସ

– ଲାଲକିଲ୍ଲାରୁ ଦେଶବାସୀଙ୍କୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ

– ସପ୍ତଧାରା ନାମକ ୭ଟି ଶକ୍ତିଧାରା ଉପରେ ଦେଲେ ଗୁରୁତ୍ୱ

–କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ୧ କୋଟି ଯୁବ ଗୋଷ୍ଠୀଙ୍କୁ ପ୍ରଦାନ କରାଯିବ ତାଲିମ

- ଆମେରିକାର ବୈଦେଶିକ ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦେଶ ଭାରତକୁ ଜଣାଇଲେ ଶୁଭେଚ୍ଛା

- ଇଣ୍ଡୋନେସିଆ ଭୂକମ୍ପରେ ୨୦ଜଣଙ୍କର ମୃତ୍ୟୁ

ଏବଂ

- ଶ୍ରୀଲଙ୍କାର ଗଲ୍ ଷ୍ଟାଡିୟମରେ ଜାରି ରହିଛି ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ୍ ମ୍ୟାଚ୍

## ପି.ଏମ୍. - ଇଣ୍ଡିପେଣ୍ଡେନ୍ସ ଡେ

ଦେଶ ଆଜି ଉତ୍ସାହ ଓ ଉଦ୍ଦୀପନାର ସହ ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଆୟୋଜିତ ଜାତୀୟସ୍ତରୀୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଭାରତୀୟ ବାୟୁସେନାର ୨ଟି ଏମ୍.ଆଇ.-୧୭ ହେଲିକପ୍ଟର ଦ୍ୱାରା ଆୟୋଜନ ସ୍ଥଳରେ ପୁଷ୍ପବୃଷ୍ଟି କରାଯିବାପରେ ଜାତୀୟ ପତାକା ଉତ୍ତୋଳନ ସହିତ ୨୧ ତୋପ ସଲାମୀର ପ୍ରଦର୍ଶନ କରାଯାଇଛି । ଚଳିତ ବର୍ଷ ପ୍ରଥମ ଥର ଲାଗି ଲାଲ୍‌କିଲ୍ଲାରେ ଜାତୀୟ ଗୀତ ବନ୍ଦେ ମାତରମ୍ ଗାନ କରାଯାଇଛି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍ ଏବଂ 'ମାଇଁ ଭାରତ'ର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ବଡ଼ ସ୍ୱପ୍ନ ଦେଖିବା ସହିତ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି । ଏଥିଲାଗି ଦେଶର ସାମର୍ଥ୍ୟକୁ ସଶକ୍ତ କରିବା ଉପରେ ଶ୍ରୀ ମୋଦି ଗୁରୁତ୍ୱ ଦେଇ କହିଛନ୍ତି, ବିଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ।

***Voice (PM - Bikshit Bharat)*** :.........

ମାତ୍ର ସରକାରଙ୍କର ସୁଚିନ୍ତିତ ନୀତି, ପ୍ରସ୍ତୁତି ଏବଂ ପ୍ରତିଷେଧ ମୂଳକ ବ୍ୟବସ୍ଥାଦ୍ୱାରା ଭାରତ ଏହିସବୁ ସମସ୍ୟାକୁ ପ୍ରତିହତ କରିବାରେ ସଫଳ ହୋଇପାରିଛି । ସରକାରଙ୍କର 'ନାଗରିକ ଦେବଃ ଭବ' ନୀତି ଅନୁଯାୟୀ ଗତ ୧୨ ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ସମସ୍ତ ସଙ୍କଟକୁ ମୁକାବିଲା କରାଯାଇଛି ।

ବର୍ତ୍ତମାନ ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍, ଡିଜେଲ୍, ରନ୍ଧନ ଗ୍ୟାସ୍ ଓ ୟୁରିଆ ମହଜୁଦ ରହିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Urea-Gas line)*** :.........

ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ମାଧ୍ୟମରେ ତୃଣମୂଳ ସ୍ତରରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ଗତ ୧୨ ବର୍ଷ ମଧ୍ୟରେ ଭାରତ ଅନେକ କ୍ଷେତ୍ରରେ ଆତ୍ମନିର୍ଭର ହେବାରେ ସକ୍ଷମ ହୋଇପାରିଛି । ଏହି ସମୟ ମଧ୍ୟରେ ପ୍ରତିରକ୍ଷା ଉତ୍ପାଦନ ୪ ଗୁଣା ବୃଦ୍ଧି ପାଇବା ସହିତ ଭାରତ ବର୍ତ୍ତମାନ ଏକ ପ୍ରତିରକ୍ଷା ଉତ୍ପାଦ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇପାରିଛି । ସେହିଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଭାରତର ବର୍ତ୍ତମାନ ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତା ହ୍ରାସ ପାଇଛି । ସେ କହିଛନ୍ତି, ବର୍ତ୍ତମାନ ପ୍ରତ୍ୟେକ ଭାରତୀୟ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ୍ ଫର୍ ଲୋକାଲ ଭାବନା ସହିତ ଦେଶ ପ୍ରଗତିରେ ନିଜକୁ ସାମିଲ୍ କରିଛନ୍ତି । ଭାରତ ବିଭିନ୍ନ ସାମଗ୍ରୀ ଲାଗି ଅନ୍ୟ ଦେଶ ଉପରେ ନିର୍ଭରଶୀଳ ହୋଇ ଏଣିକି ଆତ୍ମନିର୍ଭର ହେବା ପଥରେ ଆଗଭେ ଚାଲିଛି । ଏତଦ୍‌ବ୍ୟତୀତ ଦେଶରେ ବ୍ୟାବସାୟିକ କାର୍ଯ୍ୟକଳାପ ବୃଦ୍ଧି କରିବା ଲାଗି ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ପାଇଁ ଭାରତ ବର୍ତ୍ତମାନ ବିଶ୍ୱ ସ୍ତରରେ ପୁଞ୍ଜିନିବେଶ କ୍ଷେତ୍ରରେ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ପରିଗଣିତ ହେଉଛି । ଫଳରେ ବିଶ୍ୱର ଦୃଷ୍ଟିଭଙ୍ଗୀ ଆମ ପ୍ରତି ବଦଳିବା ସହିତ ଭାରତର ଦୃଷ୍ଟିକୋଣକୁ ବିଭିନ୍ନ ଆନ୍ତର୍ଜାତିକ ମଞ୍ଚରେ ସମ୍ମାନ ମିଳୁଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Atmanirbhar)*** :.........

ଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଭାରତ ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମୟରେ ଦେଶ ଦ୍ରୁତଗତିରେ ବିକାଶ ଅଭିମୁଖେ ଗତି କରୁଛି । ସରକାରଙ୍କ ବିଭିନ୍ନ

ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଦେଶର ଗରିବ, କୃଷକ, ଛୋଟ ବ୍ୟବସାୟୀ, ମହିଳା, ଯୁବବର୍ଗ ତଥା ବିଭିନ୍ନ ବର୍ଗର ଲୋକେ ଉପକୃତ ହୋଇପାରିଛନ୍ତି । ଏହାର ଫଳସ୍ୱରୂପ ଗତ ୧୨ ବର୍ଷ ମଧ୍ୟରେ ୨୫ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦି କହିଛନ୍ତି, ୨୦୧୪ ପରଠାରୁ ବର୍ତ୍ତମାନ ସୁଦ୍ଧା ଭାରତ ପ୍ରାୟ ୪୦ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହାଦ୍ୱାରା ଭାରତୀୟ ବ୍ୟାବସାୟିକ ନେତୃବୃନ୍ଦ ଏବଂ ରପ୍ତାନୀକାରୀଙ୍କ ଲାଗି ପ୍ରଚୁର ସୁଯୋଗ ସୃଷ୍ଟି ହୋଇଛି । ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ଏହାର ସୁଯୋଗ ନେଇ ଭାରତୀୟ ଉତ୍ପାଦଗୁଡ଼ିକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଶକ୍ତି ସୁରକ୍ଷାକୁ ବର୍ତ୍ତମାନ ସମୟର ଆହ୍ୱାନ ଭାବେ ଅଭିହିତ କରି ଶ୍ରୀ ମୋଦି କହିଛନ୍ତି, ଏଦିଗରେ ସରକାର ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶର ଶକ୍ତି ସୁରକ୍ଷା ଲାଗି ଆଣବିକ ଶକ୍ତି ଅନେକ ଗୁରୁତ୍ୱ ବହନ କରେ । ୨୦୪୭ ସୁଦ୍ଧା ଦେଶର ଆଣବିକ ଶକ୍ତି କ୍ଷମତା ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖି ସରକାର କାର୍ଯ୍ୟ କରୁଛନ୍ତି । ଏହି ପଦକ୍ଷେପ ଆଣବିକ ଶକ୍ତି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

***Voice (PM - Neuclear Power)*** :………

ପ୍ରଧାନମନ୍ତ୍ରୀ ସପ୍ତଧାରା ନାମକ ୭ଟି ଶକ୍ତିଧାରାକୁ ଉପଯୋଗ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ସେହିସବୁ ସୁବିଧା ହାସଲ କରିପାରିବ, ଯାହା ଗତ ୫ରୁ ୭ ଦଶନ୍ଧି

ଧରି ହାସଲ କରିପାରି ନାହିଁ । ସପ୍ତଧାରା ଶକ୍ତି ଏବଂ ସମ୍ଭାବନାର ସହିତ ଦେଶକୁ ନୂତନ ଉଚ୍ଚତାକୁ ନେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

***Voice (PM -Saptadhara )*** :..

ଯୁବଶକ୍ତି, କୃଷି ଓ ଖାଦ୍ୟ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ, ଗତିଶକ୍ତି, ପ୍ରତିରକ୍ଷା ଦକ୍ଷତା, ସବୁଜ ଓ ନୀଳ ଅର୍ଥନୀତି ଏବଂ ନମନିୟତା ହେଉଛି ଭାରତର ସପ୍ତଶକ୍ତିଧାରା ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି ।

ସେ କହିଛନ୍ତି, ଆଗାମୀ ଏକବର୍ଷ ମଧ୍ୟରେ ଦେଶର ୧ କୋଟି ଯୁବକଙ୍କୁ କୃତ୍ରିମ ବୁଦ୍ଧିମତ୍ତାରେ ଦକ୍ଷ କରିବା ନେଇ ତାଲିମ ପ୍ରଦାନ କରାଯିବ । ସାମଗ୍ରୀ ପ୍ରସ୍ତୁତିରେ ଗୁଣବତ୍ତା, ଦକ୍ଷତା ଏବଂ ମୂଲ୍ୟ ନିର୍ଦ୍ଧାରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

କ୍ରୀଡ଼ା ପ୍ରତିଭା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏଥିପାଇଁ ଗ୍ରାମ ତଥା ସହର ସ୍ତରରେ ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ୫ରୁ ୧୫ ବର୍ଷ ବୟସର ପିଲାଙ୍କୁ ଏଥିରେ ସାମିଲ କରାଯିବ । ସେମାନଙ୍କୁ ଉନ୍ନତ କ୍ରୀଡ଼ାବିତ୍‌ଭାବେ ଗଢ଼ିତୋଳିବା ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୩୦ରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି । ଗରିବ ଏବଂ ମଧ୍ୟବିତ୍ତ ପରିବାରର ପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ପରୀକ୍ଷା ପାଇଁ ମାଗଣା ଅନଲାଇନ କୋଚିଂ ବ୍ୟବସ୍ଥା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଜନଗଣନାକୁ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଡିଜିଟାଲ ମାଧ୍ୟମରେ ସଠିକ୍ ସୂଚନା ପ୍ରଦାନ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

ଦେଶରେ ମାଓବାଦୀ ହିଂସା ମୂଳପୋଛ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବା ସହ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକର ବିକାଶ ଉପରେ ଆଲୋକପାତ କରିଛନ୍ତି ।

## ଇଣ୍ଟରନ୍ୟାଶନାଲ୍ ଆଇ ଡେ

୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ଦେଶ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଇସ୍ରାଏଲ୍, ଆର୍ଜେଣ୍ଟିନା, ଶ୍ରୀଲଙ୍କା, ନେପାଳ, ଫ୍ରାନ୍ସ, ଅଷ୍ଟ୍ରେଲିଆ, କାନାଡା ପକ୍ଷରୁ ଭାରତରେ ଅବସ୍ଥାପିତ ସେହି ରାଷ୍ଟ୍ରଗୁଡ଼ିକର ଉଚ୍ଚାୟୁକ୍ତ  ଶୁଭେଚ୍ଛା ବାର୍ତ୍ତାମାନ ପ୍ରଦାନ କରିଛନ୍ତି । ମାଳଦୀପର ପୂର୍ବତନ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହ ଏବଂ ସେଠାକାର ଜାତୀୟ ଦଳର ସଭାପତି ମହମ୍ମଦ ନାଜିଭ୍ ଶୁଭେଚ୍ଛା ପ୍ରଦାନ କରିବା ସହ ଦ୍ୱିପାକ୍ଷିକ ସଂପର୍କର ଘନିଷ୍ଠତାକୁ  ଉଚ୍ଚ ପ୍ରଶଂସା କରିଛନ୍ତି ।

## ଇଣ୍ଡିପେଣ୍ଡେନ୍ସ-ମାର୍କ ରୁବିଓ

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଆମେରିକା ଓ ଭାରତ ସଂପର୍କ ପୂର୍ବାପେକ୍ଷା ଅଧିକ ସୁଦୃଢ଼ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସଂପର୍କ ଦୁଇଦେଶ ମଧ୍ୟରେ ସହଭାଗିତାକୁ ଅଧିକ ମଜବୁତ କରିଛି । ପ୍ରତିରକ୍ଷା, ଶକ୍ତି ସୁରକ୍ଷା, ଖଣିଜ ପଦାର୍ଥ, କୃତ୍ରିମ ବୁଦ୍ଧିମତ୍ତା, ମହାକାଶ ଓ ବାଣିଜ୍ୟ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗ ଉପରେ ଶ୍ରୀ ରୁବିଓ ଏହି ଅବସରରେ ଆଲୋକପାତ କରିଛନ୍ତି ।

## ଆଇଡେ-ଫରେନ

ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସ ଏବଂ କନ୍‌ସୁଲେଟ୍ କାର୍ଯ୍ୟାଳୟ ତରଫରୁ ଆଜି ସ୍ୱାଧୀନତା ଦିବସ ପାଳନ କରାଯାଇଛି । ସିଙ୍ଗାପୁର, ଚୀନ୍ ଏବଂ ହଂକଂରେ ପ୍ରବାସୀ ଭାରତୀୟ ଏକାଠି ହୋଇ ଏହି ଦିବସ ପାଳନ କରିଛନ୍ତି । ସିଙ୍ଗାପୁରରେ ଭାରତୀୟ ଉଚ୍ଚାୟୁକ୍ତ ଶିଲ୍‌ପକ୍ ଆମ୍ବୁଲେ ଅଢ଼େଇ ହଜାରରୁ ଅଧିକ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତିରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ଜାତୀୟ ଗୀତ ବନ୍ଦେ ମାତରମ୍ ଗାନ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ପ୍ରମୁଖ ଅଂଶ ସେ ଆଲୋକପାତ କରିଥିଲେ । ବେଜିଂରେ ପ୍ରବଳ ବର୍ଷା ସତ୍ତ୍ୱେ ରାଷ୍ଟ୍ରଦୂତ ବିକ୍ରମ ଦୋରାଇସ୍ୱାମୀ ପତାକା ଉତ୍ତୋଳନ କରିଥିଲେ । ଭାରତୀୟ ଦୂତାବାସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଦୋରାଇସ୍ୱାମୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ପଢ଼ିବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ହଂକଂରେ କନ୍‌ସୁଲ୍ ଜେନେରାଲ୍ ରାଜେଶ ନାୟକ ଏବଂ ଭାରତୀୟ ସଂଘର ମୁଖ୍ୟ କାର୍ଯ୍ୟନିର୍ବାହୀ ଜନ୍ ଲି କାଚ୍ୟୁ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ ।

---

## ପ୍ରେଜ୍- ଯୁଦ୍ଧସ୍ମାରକୀ ଶ୍ରଦ୍ଧାଞ୍ଜଳି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୮୦ତମ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ଯୁଦ୍ଧ ସ୍ମାରକୀରେ ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଂଜୟ ସେଠ୍, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଏନ୍.ଏସ୍. ରାଜା ସୁବ୍ରମଣି, ସ୍ଥଳସେନା ମୁଖ୍ୟ ଜେନେରାଲ୍ ଧୀରଜ୍ ସେଠ୍, ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ୍, ବାୟୁସେନା ମୁଖ୍ୟ ମାର୍ଶାଲ୍

ଅମରପ୍ରୀତ ସିଂ ଓ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଇଣ୍ଡୋନେସିଆ ଆର୍ଥକ୍ୱେକ୍

ଇଣ୍ଡୋନେସିଆର ଫ୍ଲୋରେସ୍ ଦ୍ୱୀପରେ ଆଜି ପ୍ରତ୍ୟୁଷରେ ୭ ଦଶମିକ ୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପରେ ୨୦ ଜଣଙ୍କର ମୃତ୍ୟୁ ଘଟିଛି । ୬ ଜଣ ଆହତ ହୋଇଥିବାବେଳେ ୨ ଜଣ ନିଖୋଜ ରହିଥିବା ଜଣାପଡ଼ିଛି । ଅନେକ କୋଠା ଭୁଶୁଡ଼ି ପଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ଜାରି ହୋଇଥିବା ସୁନାମୀ ସତର୍କ ସୂଚନାକୁ ପ୍ରତ୍ୟାହାର କରି ନିଆଯାଇଛି । ବିଦ୍ୟୁତ୍ ବିଭ୍ରାଟ ଏବଂ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ହସ୍ପିଟାଲରୁ ରୋଗୀମାନଙ୍କୁ ସ୍ଥାନାନ୍ତର କରାଯାଇଛି ।

## ନବରୋଜ

ପାର୍ସୀ ନବବର୍ଷ 'ନବରୋଜ' ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଭାରତର ସମାବେଶୀ ବିକାଶ ଦିଗରେ ସମସ୍ତ ନାଗରିକ ଏକତାବଦ୍ଧ ହୋଇ କାମ କରିବା ପାଇଁ ଏହି ନବବର୍ଷ ପ୍ରେରଣା ଯୋଗାଇବ ।

ଉପରାଷ୍ଟ୍ରପତି କହିଛନ୍ତି, ନବବର୍ଷ ପାର୍ସୀ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ ଏବଂ ଦେଶରେ ଭ୍ରାତୃତ୍ୱଭାବ ଅତୁଟ ରଖିବା କ୍ଷେତ୍ରରେ ସେମାନଙ୍କୁ ପ୍ରେରଣା ଯୋଗାଉ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ସୀ ନବରୋଜ ଅବସରରେ ଶୁଭକାମନା ଜଣାଇ କହିଛନ୍ତି, ପାର୍ସୀ ସମୁଦାୟଙ୍କ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଶକୁ ସମୃଦ୍ଧ କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ପାଇଁ ଶାନ୍ତି, ଆନନ୍ଦ, ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

## ଇଣ୍ଡିଆ-ଶ୍ରୀଲଙ୍କା ଟେଷ୍ଟ

ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ମ୍ୟାଚ୍ ଆଜି ଶ୍ରୀଲଙ୍କାର ଗାଲା ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯାଉଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ୨୭ ଓଭର୍‌ରେ ଗୋଟିଏ ୱିକେଟ୍ ବିନିମୟରେ ୧୦୧ ରନ୍ ସଂଗ୍ରହ କରିଛି ।

ଆଇ.ସି.ସି. ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍-୨୦୨୫-୨୭ ସାଇକେଲ୍‌ର ଏହି ସିରିଜ ଏକ ଅଂଶ ବୋଲି ଜଣାପଡ଼ିଛି । ଏହି ଦୁଇମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଗାଲା ଷ୍ଟାଡିୟମରେ ୫୦ତମ ମ୍ୟାଚ୍ ହେବ । ଗାଲା ପିଚ୍ ସ୍ପିନ୍ ଅନୁକୂଳ ହେବ ବୋଲି ଆଶା କରାଯାଉଛି । ନ୍ୟୁଜିଲାଣ୍ଡ ଓ ସାଉଥ୍ ଆଫ୍ରିକାଠାରୁ ଟେଷ୍ଟରେ ପରାଜୟ ପରେ ଶୁଭମନ ଗିଲ୍ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ସିରିଜ୍‌ରେ ବିଜୟ ଲକ୍ଷ୍ୟ ଆଶା ରଖିଛି । ବର୍ତ୍ତମାନ ବିଶ୍ୱ ଟେଷ୍ଟ କ୍ରିକେଟ୍ ମାନ୍ୟତାରେ ଭାରତ ୫ମ ସ୍ଥାନରେ ରହିଛି ।

# ଆଇଏମ୍‌ଡି ୱେଦର

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ସେଗୁଡ଼ିକ ମଧ୍ୟରେ ଅରୁଣାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର-ପୂର୍ବାଞ୍ଚଳ, ଚଣ୍ଡୀଗଡ଼, ପୂର୍ବ ରାଜସ୍ଥାନ, ଛତିଶଗଡ଼, ଦିଲ୍ଲୀ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଗୁଜରାଟ, ହରିଆଣା, ହିମାଚଳପ୍ରଦେଶ, ଲଦାଖ, ଜାମ୍ମୁ କାଶ୍ମୀର, ମହାରାଷ୍ଟ୍ର, ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ବିଦର୍ଭ ଆଦି ଅନ୍ତର୍ଭୁକ୍ତ ।

---